# Akashvani, Sambalpur

# SAMBALPURI NEWS MORNING BULLETIN

## 20 July 2026 - 6.47- 6.52 am.

---

ମୌସୁମୀ ଅଧିବେଶନ ଆର୍‌ଏନ୍‌ୟୁ/ ସମ୍ବଲପୁର

ସଂସଦ୍‌ର ମୌସୁମୀ ଅଧିବେଶନ୍ ଆଏଜ୍‌ଠାନୁ ମୁଲ୍ ହେବା । ଅଧିବେଶନ୍ ଅଗଷ୍ଟ ମାସ ୧୩ ତାରିଖ୍‌ତକ୍ ଚାଲ୍‌ବା । ଅଧିବେଶନ୍ ସମିଆଥି ଆୟକର ସଂଶୋଧନ୍ ବିଲ୍- ୨୦୨୬, ସୁପ୍ରିମ୍‌କୋର୍ଟ ବିଚାର୍‌ପତିଙ୍କର୍ ସଂଖ୍ୟା ସଂଶୋଧିତ ବିଲ୍, ଜନ୍ମ ଆଉ ମୃତ୍ୟୁ ନିବନ୍ଧନ ସଂଶୋଧିତ ବିଲ୍, ଲଘୁ, କ୍ଷୁଦ୍ର ଆଉ ମଧ୍ୟମ୍ ଉଦ୍ୟୋଗ୍ ବିକାଶ୍ ବିଲ୍, ଏଫ୍.ସି.ଆର୍.ଏ. ଆଉ ବିକଶିତ୍ ଭାରତ୍ ଶିକ୍ଷା ଅଧିଷ୍ଠାନ୍ ବିଲ୍ ଉପ୍‌ରେ ଆଲୋଚନା ହେବା ବଲି ଜନାପଡ଼ିଛେ । ଅଧିବେଶନ୍ ଆଘୋନୁ ଗଲାକାଏଲ୍ ନୂଆଦିଲ୍ଲୀ ସଂସଦ୍ ଭବନ୍ ପରିସର୍ ନ ପ୍ରତିରକ୍ଷା ମନ୍ତ୍ରୀ ରାଜ୍‌ନାଥ୍ ସିଂଙ୍କର୍ ଅଧ୍ୟକ୍ଷତାଥି ସର୍ବଦଳୀୟ ବୈଠକ୍ ହେଇଯାଇଛେ ।

ହେରାପଂଚ୍ମୀ ଆର୍ଏନ୍ୟୁ /ସମ୍ବଲପୁର

ଶ୍ରୀକ୍ଷେତ୍ର ପୁରୀ ଶ୍ରୀଗୁଣ୍ଡିଚା ମନ୍ଦିର୍ ନ ଆଏଜ୍ ହେରାପଂଚ୍ମୀ ନୀତି କରାଯିବା । ଜଗତ୍ଜନନୀ ମା ଲକ୍ଷ୍ମୀ ଆଡ଼ପ୍ ମଣ୍ଡପ୍ ନ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ୍ କର୍ବେ । ମହାପ୍ରଭୁ ଶ୍ରୀଜଗନ୍ନାଥ ଭାଇ ଭଉଣୀଙ୍କୁ ନେଇକରି ରଥ୍ଯାତ୍ରା କରିଥିବାର୍ନୁ ମା ଲକ୍ଷ୍ମୀ ଅଭିମାନ୍ କରିଛନ୍ ଆଉ ସେଥିର୍ଲାଗି ଶରଧାବାଲି ନ ଶ୍ରୀଜଗନ୍ନାଥଙ୍କର୍ ନନ୍ଦିଘୋଷ ରଥକେ ଭାଙ୍ଗ୍ବେ । ଇତାର୍ ଉତ୍ରୁ ମା ଲକ୍ଷ୍ମୀ ହେରା ଗୋହିରୀ ସାହି ଦେଇକରି ଶ୍ରୀମନ୍ଦିର୍କେ ଫିର୍ବେ । ଶ୍ରୀଗୁଣ୍ଡିଚା ଯାତ୍ରାର ୫ ନମ୍ବର୍ ଦିନେ ହେରାପଂଚ୍ମୀ ନୀତି ପାଳନ୍ କର୍ବାର୍ ପରମ୍ପରା ରହିଛେ । ଇଥିର୍ଲାଗି ଶ୍ରୀମନ୍ଦିର୍ ପ୍ରଶାସନ୍ ତର୍ଫୁ ନୀତିନିର୍ଘଂଟ ପ୍ରସ୍ତୁତ୍ କରାଯାଇଛେ । ଆଏଜ୍ ରାତି ମହାଲକ୍ଷ୍ମୀ ରଥ୍ ପାସେ ପାରମ୍ପରିକ ନୀତି ସାରିକରି ଜଗମୋହନ୍କେ ବିଜେ କର୍ବେ । ପଛେ ମହାଲକ୍ଷ୍ମୀଙ୍କୁ ଆଜ୍ଞାମାଳ ଲାଗି ହେଇକରି ସନ୍ଧ୍ୟାଧୂପ ଟେରା ପଡ଼୍ବା । ତାର୍ ଉତ୍ରୁ ମଇଲମ, ଚନ୍ଦନଲାଗି ଆର୍ ବଡସିଂହାର ହେଇକରି ଡେରିରାତି ପହୁଡ଼ ହେବା । ଆଝିରର ନୀତି ଶେଷ୍ ହେବାର୍ ସହେତେ ଆଏବା କାଏଲ୍ ସକାଳ ଧୂପ

ସର୍‌ବାର୍ ଉତ୍‌ରୁ ତିନ୍‌ହି ରଥର ଦକ୍ଷିଣ ମୋଡ଼ ଲାଗି ଆଜ୍ଞାମାଳ ବିଜେ କରାଯିବା ।

ମୁଖ୍ୟମନ୍ତ୍ରୀ ଅଭିଯୋଗ୍ ଶୁଣାଣି ବନ୍ଦ I&PR

ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ମୁଖ୍ୟମନ୍ତ୍ରୀଙ୍କର୍ ଜନ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ଆଏବା ଶୁଣାଣି ତାରିଖ୍ ଗଣମାଧ୍ୟମ୍ ଜରିଏ ଲୁକ୍‌କୁ ଜନେଇ ଦିଆଯିବା ବଲି ସାଧାରଣ୍ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମନ୍ କି ବାତ୍ କର୍ମଶାଳା ଆର୍‌ଏନ୍‌ୟୁ/ କଟକ୍

ଭୁବନେଶ୍ୱର୍ ବିଜେପି କାର୍ଯ୍ୟାଳୟ ନ ମନ୍ କି ବାତ୍‌ର ରାଜ୍ୟସ୍ତରୀୟ କର୍ମଶାଳା ଗଲାକାଏଲ୍ ହେଇଯାଇଛେ । ଇଥି ରାଜ୍ୟ ବିଜେପି ସଭାପତି ମନ୍‌ମୋହନ୍ ସାମଲ୍, ଉପମୁଖ୍ୟମନ୍ତ୍ରୀ କନକ୍ ବର୍ଦ୍ଧନ୍ ସିଂହଦେଓ ପ୍ରମୁଖ ଯୋଗ୍ ଦେଇକରି ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର

ମୋଦୀଙ୍କର୍ ମାସିକ୍ ରେଡ଼ିଓ କାର୍ଯ୍ୟକ୍ରମ୍ ମନ୍ କି ବାତ୍ ବାବ୍ଦେ କହିଥିଲେ । ଗଲା ୧୨ ବଛର୍ ଭିତ୍ରେ ଇ କାର୍ଯ୍ୟକ୍ରମ୍ ଶହେ ୩୫ ଟା ସଂସ୍କରଣ୍ ଶେଷ୍ କରିଛେ । ଆଏବା ୨୬ ତାରିଖ୍ ରଏବାର୍ ଦିନ ପ୍ରଧାନ୍ମନ୍ତ୍ରୀ ଶହେ ୩୬ ନମ୍ବର୍ ମନ୍ କି ବାତ୍ କାର୍ଯ୍ୟକ୍ରମ୍ଥି ଦେଶ୍ବାସୀଙ୍କର୍ ସାଙ୍ଗେ ଭାବ୍ ଦିଆନିଆ କର୍ବେ । ଦେଶ୍ବାସୀଙ୍କର୍ନୁ ମୁଲ୍ କରିକରି ପ୍ରବାସୀ ଭାରତୀୟ ଆଉ ସାରା ପୁର୍ଥିର୍ ଲୁକେ ଇଟାକେ ଆଦର୍ ଦେବାର୍ ସହେତେ ଇଟା ସର୍ବବ୍ୟାପୀ ଆଉ ସମାବେଶୀ ହେଇପାରିଛେ ବଲି ଉପମୁଖ୍ୟମନ୍ତ୍ରୀ ସିଂ ସିଂହଦେଓ କହିଛନ୍ ।

କ୍ୟାଚ୍ ଦ ରେନ୍            ଆର୍ଏନ୍ୟୁ/ କଟକ୍

କେନ୍ଦ୍ର ଗୃହ ଓ ସହରାଂଚଲ ବ୍ୟାପାର୍ ମନ୍ତ୍ରଣାଳୟ ତର୍ଫୁ ଅମୃତ ୨.୦ ଯୋଜନା ଦୁଇ ନମ୍ବର୍ ଖେପ୍ ଅଧୀନଥି ସହରାଂଚଲ୍ ନ ବର୍ଷା ପାଏନ୍ ସଂରକ୍ଷଣ, ବନ୍ଧ କଟା ମାନ୍କର୍ ପୁନରୁଦ୍ଧାର ଆଉ ସ୍ଥାୟୀ ଜଳ ପରିଚାଳନା କ୍ଷେତ୍ରଥି ବହୁତ୍ଟେ ପଦକ୍ଷେପ ନିଆଯାଉଛେ । ପାନିର୍ ସୁରକ୍ଷାକେ ସୁନିଶ୍ଚିତ୍ କର୍ବାର୍ ଆଉ ଜଲ୍ବାୟୁ ପରିବର୍ତନ୍

ପରିସ୍ଥିତିର୍ ମୁକାବିଲା କର୍‌ବାର୍‌ଟା ଇ କାର୍ଯ୍ୟକ୍ରମ୍‌ର ମୂଲ୍ ଲକ୍ଷ୍ୟ ଆଏ। ଅଭିଯାନ୍ ଅଧୀନ୍‌ଥି ଦେଶର୍ ୨୭ ଟା ରାଜ୍ୟ ଆଉ କେନ୍ଦ୍ରଶାସିତ୍ ଅଂଚଲ୍ ନ ପାଖାପାଖି ୯ ଶହ ଟା ସହରାଂଚଲ୍ ସ୍ଥାନୀୟ ସଂସ୍ଥା ସକ୍ରିୟ ଭାବେ ସାମିଲ୍ ହେଇଛନ୍। ବର୍ଷା ପାଏନ୍ ସଂରକ୍ଷଣ, ଭୂତଳ ଜଳସ୍ତର ବଢ଼ାବାର୍‌ଟାକେ ପ୍ରୋତ୍ସାହନ୍ ଦେବାର୍ ଦିଗେ ଇଥି ଭିନ୍ ଭିନ୍ ପଦକ୍ଷେପ୍ ନିଆଯାଉଛେ।

ସ୍ନାତକ ନାଁଲେଖା ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଥିବା ସ୍ନାତକ ମହାବିଦ୍ୟାଳୟ ମାନ୍‌କେ ନାଁଲେଖା ଲାଗି ଆଏଜ୍ ୨ ନମ୍ବର୍ ଖେପ୍ ମେଧା ତାଲିକା ବାହାର୍‌ବା। ୧ ହଜାର୍ ୫୫ ଟା ସ୍ନାତକ ମହାବିଦ୍ୟାଳୟଥି କଳା, ବିଜ୍ଞାନ୍, ବାଣିଜ୍ୟ ଆଉ ସେଲ୍ଫ ଫାଇନାନ୍ସିଂ ଆଉ ସଂସ୍କୃତ୍ ପାଠ୍ୟକ୍ରମ୍‌ଥି ୨ ଲାଖ୍ ୮୭ ହଜାର୍ ୫ ଶହ ୧୯ ଟା ସିଟ୍ ଥିବାର୍ ବେଳେ ପହେଲା ଖେପେ ୮୪ ହଜାର୍ ୩ ଶହ ୮୪ ଟା ସିଟ୍‌ଥି ନାଁଲେଖା ଶେଷ୍ ହେଇଛେ। ଉଚ୍ଚଶିକ୍ଷା ବିଭାଗ୍ ପରିଚାଳିତ୍ ସାମ୍ସ ପୋର୍ଟାଲ୍‌ନୁ ମିଳିଥିବା ତଥ୍ୟ ଅନ୍‌ସାରେ କଳାଥି ୧ ଲାଖ୍ ୬ ହଜାର୍ ୮ ଶହ ୮୦ ଟା ସିଟ୍ ଖାଲିଥିବାର୍

ବେଲେ ବିଜ୍ଞାନ୍‌ଥି ୬୦ ହଜାର୍ ୮ ଶହ ୮୦, ବାଣିଜ୍ୟଥି ୨୪ ହଜାର୍ ୨ ଶହ ୮୮, ସେଲ୍ଫ ଫାଇନାନ୍ସିଂଥି ୪ ହଜାର୍ ଶହେ ୭୨ ଆଉ ସଂସ୍କୃତ୍ ପାଠ୍ୟକ୍ରମ୍‌ଥି ୬ ହଜାର୍ ୭ ଶହ ୫୭ ଟା ସିଟ୍‌ଥି ନାଁଲେଖା ହେବା । ମେଧା ତାଲିକା ବାହାର୍‌ବାର୍ ଉତ୍‌ରୁ ଆଏବା ମଙ୍ଗଲ୍‌ବାର୍‌ନୁ ଗୁରୁବାର୍‌ତକ୍ ଛାତ୍ରଛାତ୍ରୀମାନେ ନାଁଲେଖେଇପାର୍‌ବେ । ସେଆଡ଼େ ଆଏବା ୨୯ ତାରିଖ୍ ୩ ନମ୍ବର୍ ଆଉ ଶେଷ୍ ମେଧା ତାଲିକା ବାହାର୍‌ବା ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ଭାରତୀୟ ପାଣିପାଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଆଏବା ୨୪ ତାରିଖ୍ ଆଡ଼େ ରାଜ୍ୟର୍ ଉତର୍ ଭାଗ୍ ଆଉ ଇତାର୍ ପାଖର୍ ଇଲାକା ନ ଫେର୍‌ଗୁଟେ ଘୂର୍ଣ୍ଣିବଲୟ ହେବାର୍ ସମ୍ଭାବନା ରହିଛେ । ଇତାର୍ ପ୍ରଭାବ୍‌ଥି ସମୁଦ୍ରଖଁଡ଼ି ଆଉ ଆଭ୍ୟନ୍ତରିଣ ଜିଲ୍ଲାମାନ୍‌କୁ ମଧମ୍‌ନୁ ଜବର୍ ବର୍ଷା ହେଇପାରେ । ସେଆଡ଼େ ଲଘୁଚାପ୍‌ର ବଲେ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ହେଇଯାଇଛେ । ଆଏଜ୍ ସଖାଲ୍‌ବେଲାତକ୍ ସମ୍ବଲପୁର, ସୁନ୍ଦର୍‌ଗଡ୍, ଝାର୍‌ସୁଗୁଡ଼ା,

ବର୍‌ଗଡ୍‌, ଦେବ୍‌ଗଡ୍‌, ନୂଆପଡ଼ା, ବଲାଙ୍ଗିର୍‌, କଲାହାଣ୍ଡି ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ବର୍ଷା ଲାଗି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।

ସେଆଡ଼େ ହୀରାକୁଦ୍ ଜଲ୍‌ଭଣ୍ଡାର୍ ଜଲ୍‌ସ୍ତର୍ ଆଏଜ୍ ସଖାଲର୍ ୬ ବଜେତକ୍ ୬ ଶହ ୧୨ ଦଶ୍‌ମିକ୍ ୮/୭ ଫୁଟ୍ ରହିଥିଲା । ଇ ସମିଆଥି ୪ ଟା ଗେଟ୍ ଦେଇକରି ଫି ସେକେଣ୍ଡ୍‌ଥି ୯୪ ହଜାର୍ ୨ ଶହ ୯୨ ଘନଫୁଟ୍ ପାଏନ୍ ଛଡ଼ାଯାଉଥିବାର୍ ବେଲେ ୧ ଲାଖ୍ ୫୮ ହଜାର୍ ୪  ଶହ ୯୧ ଘନଫୁଟ୍ ପାଏନ୍ ଜଲ୍‌ଭଣ୍ଡାର୍‌କେ ଆସୁଛେ ।